# NATIONAL NEWS BULLETIN (ODIA)
## 8 December - 2024
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ରାଜସ୍ଥାନ ଏବଂ ହରିୟାଣାକୁ ଆସନ୍ତାକାଲି ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।
- ମାନାମା ଆଲୋଚନାରେ ପଶ୍ଚିମ ଏସିଆ ପାଇଁ ଭାରତର ବ୍ୟାପକ ରଣନୀତି ଉପସ୍ଥାପନ କଲେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ।
- ଆସନ୍ତାକାଲିଠାରୁ ଆରମ୍ଭ ହେବ କର୍ଣ୍ଣାଟକ ବିଧାନସଭାର ଶୀତକାଳୀନ ଅଧିବେଶନ ।

ଏବଂ

- ଏସିଆ କପ୍ ପୁରୁଷ ୧୯ ବର୍ଷରୁ କମ୍ କ୍ରିକେଟ ପ୍ରତିଯୋଗିତାର ଫାଇନାଲରେ ବାଂଲାଦେଶଠାରୁ ଭାରତ ପରାସ୍ତ ।

# ପିଏମ୍ – ରାଜସ୍ଥାନ ଓ ହରିୟାଣା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ରାଜସ୍ଥାନ ଓ ହରିୟାଣା ଗସ୍ତରେ ଯିବେ । ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଜୟପୁର ପ୍ରଦର୍ଶନୀ ଓ ସମ୍ମିଳନୀ କେନ୍ଦ୍ରରେ ଅନୁଷ୍ଠିତ "ଜାଗ୍ରତ ରାଜସ୍ଥାନ ବିଶ୍ୱ ସମ୍ମିଳନୀ-୨୦୨୪"ର ଉଦ୍‌ଘାଟନ କରି ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେବେ । ଅପରାହ୍ନରେ ପ୍ରଧାନମନ୍ତ୍ରୀ ପାନିପଥ୍‌ଠାରେ "ବୀମା ସଖୀ ଯୋଜନା"ର ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି । ମାଟ୍ରିକ୍ ପାସ୍ କରିଥିବା ୧୮ରୁ ୭୦ ବର୍ଷ ବୟସର ମହିଳାଙ୍କ ସଶକ୍ତିକରଣ ନିମନ୍ତେ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାଳରେ ହରିୟାଣାର କର୍ଣ୍ଣାଲ୍‌ଠାରେ ଥିବା ମହାରାଣା ପ୍ରତାପ ଉଦ୍ୟାନକୃଷି ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସର ଶିଳାନ୍ୟାସ କରିବେ । ଏହି ବିଶ୍ୱବିଦ୍ୟାଳୟ ଅଧିନରେ ଉଦ୍ୟାନକୃଷିର ସ୍ନାତକ ଓ ସ୍ନାତକୋତ୍ତର ଅଧ୍ୟୟନ ନିମନ୍ତେ ବ୍ୟବସ୍ଥା ରହିଛି ।

# ପିଏମ୍- ଅଷ୍ଟଲକ୍ଷ୍ମୀ ମହୋତ୍ସବ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଉନ୍ନତ ଯୋଗାଯୋଗ, ଡିଜିଟାଲ ଅନ୍ତର୍ଭୁକ୍ତୀକରଣ ଏବଂ ଭିତ୍ତିଭୂମିରେ ପୁଞ୍ଜିନିବେଶ ଯୋଗୁଁ ଅଞ୍ଚଳର ଉଲ୍ଲେଖନୀୟ ଅଭିବୃଦ୍ଧିକୁ ପ୍ରଶଂସା କରିଛନ୍ତି । କେନ୍ଦ୍ରମନ୍ତ୍ରୀ

ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ଦ୍ୱାରା ଲିଖିତ 'ବିକଶିତ ଭାରତ ଭିଜନର ଉତ୍ତର-ପୂର୍ବ ରାଜ୍ୟ ଏକ ପ୍ରମୁଖ ସମର୍ଥକ ପାଲଟିଛି' ଶୀର୍ଷକ ଏକ ଲେଖାକୁ ମୋଦି ଆଜି ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେୟାର କରିଛନ୍ତି। ପ୍ରଧାନମନ୍ତ୍ରୀ ଉତ୍ତର-ପୂର୍ବାଞ୍ଚଳରେ ବୟନଶିଳ୍ପ କ୍ଷେତ୍ର, ପର୍ଯ୍ୟଟନ ସୁଯୋଗ ଏବଂ ପାରମ୍ପରିକ କାରିଗରୀକୁ ପାଳନ କରାଯାଉଥିବା ଅଷ୍ଟଲକ୍ଷ୍ମୀ ମହୋତ୍ସବକୁ ମଧ୍ୟ ପ୍ରଶଂସା କରିଛନ୍ତି।

ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ତିନି ଦିନିଆ ଅଷ୍ଟଲକ୍ଷ୍ମୀ ମହୋତ୍ସବ ପାଳନ କରାଯାଉଛି। ଆସାମ, ଅରୁଣାଚଳ ପ୍ରଦେଶ, ମେଘାଳୟ, ମଣିପୁର, ନାଗାଲାଣ୍ଡ, ମିଜୋରାମ, ତ୍ରିପୁରା ଏବଂ ସିକ୍କିମ୍ ସମେତ ୮ଟି ରାଜ୍ୟର ସୌନ୍ଦର୍ଯ୍ୟ, ବିବିଧତା ଏବଂ ପ୍ରତିଶ୍ରୁତିକୁ ପ୍ରଦର୍ଶିତ କରିବା ହେଉଛି ଏହି ମହୋତ୍ସବ ପାଳନର ଉଦ୍ଦେଶ୍ୟ। ମହୋତ୍ସବରେ ୨୫୦ରୁ ଊର୍ଦ୍ଧ୍ୱ କାରିଗର ୩୪ଟି ଜିଆଇ ଟ୍ୟାଗ୍ ସାମଗ୍ରୀ ସମେତ ବିଭିନ୍ନ ହସ୍ତଶିଳ୍ପ, ହସ୍ତତନ୍ତ ଓ କୃଷି ଜାତ ଦ୍ରବ୍ୟ ପ୍ରଦର୍ଶିତ ହେଉଛି। ଏହି ଉତ୍ସବ ଆଜି ଶେଷ ହେଉଛି।

## ଜୟଶଙ୍କର-ମାନାମା ଡାଇଲଗ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ମାନାମା ଆଲୋଚନାରେ ପଶ୍ଚିମ ଏସିଆ ପାଇଁ ଭାରତର ବ୍ୟାପକ ରଣନୀତି

ଉପସ୍ଥାପନ କରି ଭାରତର ଅର୍ଥନୈତିକ ଏବଂ ରଣନୈତିକ ସ୍ୱାର୍ଥ ଦିଗରେ ଏହି ଅଞ୍ଚଳର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଭାରତ' ଉପସାଗରୀୟ ସମନ୍ୱୟ ପରିଷଦ (ଜିସିସି), ଇରାନ ଏବଂ ଇରାକ ସହିତ ବାର୍ଷିକ ୧୭୦-୧୮୦ ବିଲିୟନ ଡଲାରର ବାଣିଜ୍ୟ କରୁଥିବା ବେଳେ ଭୂମଧ୍ୟସାଗରୀୟ ରାଷ୍ଟ୍ରମାନଙ୍କ ସହିତ ୮୦-୯୦ ବିଲିୟନ ଡଲାରର ବାଣିଜ୍ୟ କାରବାର କରିଥାଏ ବୋଲି ଡକ୍ଟର ଜୟଶଙ୍କର  ଆଲୋଚନାର ପୂର୍ଣ୍ଣାଙ୍ଗ ଅଧିବେଶନରେ କହିଥିଲେ।

ଡକ୍ଟର ଜୟଶଙ୍କର କହିଛନ୍ତି, ଭାରତ ଏବଂ ପଶ୍ଚିମ ଏସିଆ ମଧ୍ୟରେ ଉପସାଗରୀୟ ଅଞ୍ଚଳର ୧୦ ନିୟୁତ ଏବଂ ଭୂମଧ୍ୟସାଗରୀୟ ଦେଶଗୁଡ଼ିକର ୫ନିୟୁତ ଭାରତୀୟଙ୍କ ସହିତ ମାନବିକ ସମ୍ପର୍କର ସେତୁ ସ୍ଥାପନ ହୋଇପାରିଛି। ଯାହାକି ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିପାରିଛି।

ଜୟଶଙ୍କର ତାଙ୍କ ଅଭିଭାଷଣରେ କହିଛନ୍ତି, ସବୁଜ ହାଇଡ୍ରୋଜେନ୍ ଏବଂ ସବୁଜ ଆମୋନିଆ ଭଳି ଉଦୀୟମାନ କ୍ଷେତ୍ରରେ ଭାରତର ଭବିଷ୍ୟତ ଶକ୍ତି ନିରାପତ୍ତା ପ୍ରମୁଖ ଭୂମିକା ନିର୍ବାହ କରିଛି। ପାରମ୍ପରିକ ଶକ୍ତି ସମ୍ବଳ ବ୍ୟତୀତ ଏହି ଅଞ୍ଚଳ ସାର ଆମଦାନୀ ମାଧ୍ୟମରେ କୃଷି କ୍ଷେତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ପ୍ରଯୁକ୍ତି ବିଦ୍ୟା ଏବଂ ନିବେଶ ସହଯୋଗରେ ଏକ ପ୍ରମୁଖ ଅଂଶୀଦାର ଭାବରେ ଉଭା ହୋଇଛି। ଆଞ୍ଚଳିକ

ସାମୁଦ୍ରିକ ନିରାପତ୍ତା କ୍ଷେତ୍ରରେ ଭାରତର ସକ୍ରିୟ ଭୂମିକା, ରଣନୈତିକ ଜଳସୀମାରେ ନୌସେନାଉପସ୍ଥିତି ବଜାୟ ରଖିବା ଏବଂ ଅନ୍ତର୍ଜାତୀୟ ନିରାପତ୍ତା ପଦକ୍ଷେପରେ ଅଂଶଗ୍ରହଣ କରିବା ସମ୍ପର୍କରେ ଡକ୍ଟର ଜୟଶଙ୍କର କହିଛନ୍ତି । ସେ ବାହାରେନ୍ ସ୍ଥିତ ମିଳିତ ସାମୁଦ୍ରିକ ବାହିନୀ ସହ ଭାରତର ସହଯୋଗ ଏବଂ ଆଞ୍ଚଳିକ ସହଯୋଗୀଙ୍କ ସହ ନିୟମିତ ଦ୍ୱିପାକ୍ଷିକ ନୌସେନା ଅଭ୍ୟାସ ଉପରେ ମଧ୍ୟ ଆଲୋକପାତ କରିଥିଲେ । ନିକଟରେ ଅନୁଷ୍ଠିତ ଜି-୨୦ ଶିଖର ସମ୍ମିଳନୀରେ ଘୋଷଣା କରାଯାଇଥିବା ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡର ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ଚେକ୍ ରିପବ୍ଲିକର ଜାତୀୟ ସୁରକ୍ଷା ପରାମର୍ଶଦାତା ତୋମାସ ପୋଜର ଏବଂ ବାହାରେନର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଅବଦୁଲତିଫ୍ ବିନ୍ ରସିଦ୍ ଅଲ୍ ଜାୟାନିଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ଆଇ.ଆଇ.ଏସ୍.ଏସ୍ ମହାନିର୍ଦ୍ଦେଶକ ଡ. ବାଷ୍ଟିଆନ୍ ଗିଗେରିଚଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନରେ ଆଞ୍ଚଳିକ ରଣନୈତିକ ସହଯୋଗର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରାଯିବ ।

# ପୁଡୁଚେରୀ-ସେଣ୍ଟ୍ରାଲ ଟିମ୍

ବାତ୍ୟା 'ଫେଞ୍ଜାଲ' ଦ୍ୱାରା ହୋଇଥିବା କ୍ଷୟକ୍ଷତି ଆକଳନ ପାଇଁ ଯୁଗ୍ମ ସଚିବ ରାଜେଶ ଗୁପ୍ତାଙ୍କ ନେତୃତ୍ୱରେ ଏକ କେନ୍ଦ୍ରୀୟ ଦଳ ଆଜି ପୁଡୁଚେରୀରେ ପହଞ୍ଚିଛନ୍ତି। ଏହି ଦଳ ପ୍ରବଳ ବର୍ଷା ଓ ବାତ୍ୟାରେ ଜଳବନ୍ଦୀ ଯୋଗୁଁ ଗୁରୁତର ପ୍ରଭାବିତ ହୋଇଥିବା ମୁଲୋଡାଇର ବିଦ୍ୟୁତ ସବ୍‌ଷ୍ଟେସନ ପରିଦର୍ଶନ କରିବା ସହିତ ଅଧିକାରୀମାନଙ୍କ ସହ କ୍ଷୟକ୍ଷତିର ଆଲୋଚନା କରିଛନ୍ତି।

ଏହି କେନ୍ଦ୍ରୀୟ ଦଳ ଉପରାଜ୍ୟପାଳ କେ କୈଳାସନାଥନ ଏବଂ ମୁଖ୍ୟମନ୍ତ୍ରୀ ଏନ୍ ରଙ୍ଗାସାମୀଙ୍କୁ ସାକ୍ଷାତ କରି କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି।

# କର୍ଣ୍ଣାଟକ ଲେଜିସ୍‌ଲେଟିଭ୍ ୱିଣ୍ଟର ସେସନ୍

କର୍ଣ୍ଣାଟକ ବିଧାନସଭାର ଶୀତକାଳୀନ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବ । ବେଲଗାଭିସ୍ଥିତ ସୁବର୍ଣ୍ଣ ସୌଧଠାରେ ଏହି ୧୦ ଦିନିଆ ଅଧିବେଶନ ଅନୁଷ୍ଠିତ ହେଉଛି। ଗୃହରେ ଆଲୋଚନା ପାଇଁ ୨୦୫ଟି ଧ୍ୟାନ ଆକର୍ଷଣକାରୀ ନୋଟିସ୍ ଓ ୩ଟି ବେସରକାରୀ ବିଲ୍ ସମେତ ୩ ହଜାରରୁ ଅଧିକ ପ୍ରଶ୍ନ ଆସିଛି ବୋଲି ବାଚସ୍ପତି ୟୁ.ଟି ଖଦର କହିଛନ୍ତି। ବିଧାନ ପରିଷଦ ଅଧ୍ୟକ୍ଷ ବାସବରାଜ ହୋରାଟ୍ଟି କହିଛନ୍ତି, ଗୃହରେ ବିଶେଷ

କରି କର୍ଣ୍ଣାଟକର ଉତ୍ତର ଭାଗ ସହ ଜଡ଼ିତ ପ୍ରସଙ୍ଗଗୁଡ଼ିକ ଉପରେ ୪ ଦିନ ଧରି ଆଲୋଚନା ହେବ।

## ମହା ଲେଜିସ୍‌ଲେଟିଭ ସ୍ପେଶାଲ ସେସନ୍

ମହାରାଷ୍ଟ୍ର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନର ଦ୍ୱିତୀୟ ଦିନରେ କାମଚଲା ବାଚସ୍ପତି କାଳିଦାସ କୋଲାମ୍ବକର' ଅବଶିଷ୍ଟ ବିଧାୟକମାନଙ୍କୁ ଆଜି ଶପଥ ପାଠ କରାଇଛନ୍ତି। ମହାରାଷ୍ଟ୍ର ବିଜେପି ମୁଖ୍ୟ ଚନ୍ଦ୍ରଶେଖର ବାୱନକୁଲେ, ମଙ୍ଗଳ ପ୍ରଭାତ ଲୋଧା, ରାଧାକୃଷ୍ଣ ଭିକେ ପାଟିଲ ଏବଂ ଅବଦୁଲ ସତ୍ତାର ପ୍ରମୁଖ ଆଜି ଶପଥ ଗ୍ରହଣ କରିଛନ୍ତି। ମହାରାଷ୍ଟ୍ର କଂଗ୍ରେସ ସଭାପତି ନାନା ପଟୋଲେ, ବିଜୟ ୱାଡେଟ୍ଟିୱାର, ଅମିତ ଦେଶମୁଖ୍ ଏବଂ ଶିବସେନା ନେତା ଆଦିତ୍ୟ ଠାକରେଙ୍କ ସମେତ ବିରୋଧୀ ଏମ.ଭି.ଏ.ର ସଦସ୍ୟମାନେ ମଧ୍ୟ ବିଧାୟକ ଭାବେ ଶପଥ ନେଇଛନ୍ତି।

ଅନ୍ୟପକ୍ଷରେ ବିଧାନସଭା ବାଚସ୍ପତି ପଦ ପାଇଁ ବିଜେପି ନେତା ରାହୁଲ ନାର୍ଭେକର ମହାୟୁତି ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ, ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଓ ଅଜିତ ପାୱାରଙ୍କ ସମେତ ବିଜେପି ନେତା ଚନ୍ଦ୍ରଶେଖର ବାୱନକୁଲେ ଓ ଚନ୍ଦ୍ରକାନ୍ତ ପାଟିଲ ନାମାଙ୍କନପତ୍ର ଦାଖଲ ସମୟରେ ଉପସ୍ଥିତ ଥିଲେ। ବିରୋଧୀ ମହାବିକାଶ ଆଘାଡିର କେହି ନାମାଙ୍କନ

ଦାଖଲ କରିନଥିବାରୁ ଶ୍ରୀ ନାର୍ଭେକର ସର୍ବସମ୍ମତିକ୍ରମେ ବାଚସ୍ପତି ହେବାର ସମ୍ଭାବନା ରହିଛି । ଆସନ୍ତାକାଲି ଗୃହରେ ଏ ନେଇ ଆନୁଷ୍ଠାନିକ ଘୋଷଣା କରାଯିବାର କାର୍ଯ୍ୟକ୍ରମ ରହିଛି ।  ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି ।

## ଇଣ୍ଡିଆନ୍ ଆର୍ମି ଏଏଫ୍ଏମ୍ଏସ୍

ପୂର୍ବ କମାଣ୍ଡର ଭାରତୀୟ ସେନାର ତ୍ରିଶକ୍ତି ସାପରମାନେ ଅତ୍ୟାଧୁନିକ ବନ୍ୟା ଅନୁଧ୍ୟାନକାରୀ ବ୍ୟବସ୍ଥା ବା ଆଡଭାନ୍ସଡ ଫ୍ଲଡ୍ ମନିଟରିଂ ସିଷ୍ଟମ ବିକଶିତ କରିଛନ୍ତି । ପ୍ରତିରକ୍ଷା ଓ ବିପର୍ଯ୍ୟୟ ପରିଚାଳନା ନବସୃଜନ ପାଇଁ ଆୟୋଜିତ ପ୍ରତିଯୋଗିତା 'ଇନୋ ଯୋଦ୍ଧା'ରେ ଏହି କାର୍ଯ୍ୟ ଜାତୀୟ ସ୍ତରରେ ପ୍ରଶଂସିତ ହୋଇଛି ।

ଏହି ବ୍ୟବସ୍ଥା ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ସୈନ୍ୟ ଏବଂ ସାଧାରଣ ନାଗରିକଙ୍କ ସୁରକ୍ଷା ପାଇଁ ତ୍ୱରିତ ବ୍ୟବସ୍ଥା ଗ୍ରହଣ କରିଥାଏ । ପ୍ରଭାବିତ ଅଞ୍ଚଳର ସୁରକ୍ଷା ନିମନ୍ତେ ଏ.ଏଫ୍.ଏମ୍.ଏସ୍. ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଭାରତୀୟ  ସେନା ପକ୍ଷରୁ କୁହାଯାଇଛି ।

# ପଞ୍ଜାବ ଲୋକାଲ ବଡି ଇଲେକସନ୍

ପଞ୍ଜାବରେ ଚଳିତ ମାସ ୨୧ ତାରିଖରେ ୫ଟି ମହାନଗର ନିଗମ ଏବଂ ପୌର ପରିଷଦ ବା ନଗର ପଞ୍ଚାୟତର ୫୯୮ଟି ୱାର୍ଡ ପାଇଁ ଭୋଟ୍‌ଗ୍ରହଣ ଅନୁଷ୍ଠିତ ହେବ। ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ହେବ ଏବଂ ସେହିଦିନ ଭୋଟ ଗଣତି ହେବ। ଭୋଟ୍‌ଗ୍ରହଣ ପାଇଁ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍) ବ୍ୟବହାର କରାଯିବ।

ପଞ୍ଜାବ ରାଜ୍ୟ ନିର୍ବାଚନ ଆୟୋଗ ରାଜ କମଲ ଚୌଧୁରୀ ଗଣମାଧ୍ୟମକୁ କହିଛନ୍ତି, ୩ ହଜାର ୮୦୯ଟି ବୁଥ୍‌ରେ ମତଦାନ ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୩୪୪ଟି ମତଦାନ କେନ୍ଦ୍ରକୁ ଅଧିକ ସମ୍ବେଦନଶୀଳ ଓ ୬୬୫ଟି କେନ୍ଦ୍ରକୁ ସମ୍ବେଦନଶୀଳ' ଚିହ୍ନଟ କରାଯାଇଛି। ପଞ୍ଜାବ ପୌର ନିଗମ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ହେବା ପରେ ପୌର ସଂସ୍ଥାଗୁଡ଼ିକରେ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି। ଏହି ନିର୍ବାଚନରେ ମୋଟ ୩୭ ଲକ୍ଷ ୩୨ ହଜାର ୬୩୬ ଜଣ ପଞ୍ଜୀକୃତ ଭୋଟର ମତଦାନ କରିବେ।

# କ୍ରିକେଟ ଏସିଆ କପ୍

ଏସିଆ କପ୍ ପୁରୁଷ ୧୯ ବର୍ଷରୁ କମ୍' କ୍ରିକେଟ ପ୍ରତିଯୋଗିତାର ଫାଇନାଲରେ ଆଜି' ବାଂଲାଦେଶ' ଭାରତକୁ ପରାସ୍ତ କରି ବିଜୟୀ

ହୋଇଛି। ଦୁବାଇ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଚାଲିଥିବା ଖେଳରେ ବାଂଲାଦେଶ ଦଳ' ଭାରତକୁ ୫୯ ରନରେ ପରାସ୍ତ କରିଛି। ୧୯୯ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ୩୫ ଓଭର ୨ଟି ବଲ୍‌ରେ ୧୩୯ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଭାରତୀୟ ଅଧିନାୟକ ମହମ୍ମଦ ଅମାନ ସର୍ବାଧିକ ୨୬ ରନ୍ କରିଥିବା ବେଳେ ଅଲରାଉଣ୍ଡର ହାର୍ଦ୍ଦିକ ରାଜ ୨୧ ବଲ୍ ରେ ୨୪ ରନ୍ କରିଥିଲେ।

## ୱିମେନ୍ସ କ୍ରିକେଟ

କୁଇନ୍ସଲାଣ୍ଡର ବ୍ରିସବେନ୍ ସ୍ଥିତ ଆଲେନ୍ ବର୍ଡର ଖେଳପଡ଼ିଆଠାରେ ଚାଲିଥିବା ଦ୍ୱିତୀୟ ଦିନିକିଆ ମହିଳା କ୍ରିକେଟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ' ଭାରତକୁ ୧୨୨ ରନ୍‌ରେ ପରାସ୍ତ କରିଛି। ୩୭୨ ରନର ଲକ୍ଷ୍ୟକୁ ପିଛା କରି ଭାରତୀୟ ମହିଳା ଦଳ ୪୪ ଓଭର ୫ଟି ବଲ୍‌ରେ ମାତ୍ର ୨୪୯ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଏହି ବିଜୟ ସହ ଅଷ୍ଟ୍ରେଲିଆ ମହିଳା ଦଳ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାରେ ୨-୦ରେ ଅଗ୍ରଣୀ ହାସଲ କରିଛି।

ଭାରତ ପକ୍ଷରୁ ଓପନର ରିଚା ଘୋଷ ସର୍ବାଧିକ ୫୪ ରନ୍ କରିଥିଲେ। ଆୟୋଜକ ଦଳ ପ୍ରଥମ ଦିନିକିଆକୁ ୫ ୱିକେଟରେ ଜିତିନେଇଥିଲା। ସିରିଜ୍‌ର ଅନ୍ତିମ ମ୍ୟାଚ୍ ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ହେବ।